# NATIONAL NEWS BULLETIN (ODIA)

**22 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ସଂସଦ ବଜେଟ୍ ଅଧିବେଶନ ଆରମ୍ଭ ।

– ୨୦୨୩-୨୪ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ

- ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ବଜେଟ୍‌ରେ ହୋଇଛି ବ୍ୟବସ୍ଥା, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ଓଡ଼ିଶା ସପ୍ତଦଶ ବିଧାନସଭାର ବଜେଟ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି ।

- ୨୦୨୫ ପଦ୍ମ ପୁରସ୍କାର ପାଇଁ ଆବେଦନପତ୍ର ଆହ୍ୱାନ

ଏବଂ

- ଏସିଆ କପ୍ ଟି-୨୦ ମହିଳା କ୍ରିକେଟ୍ ପ୍ରତିଯୋଗିତାରେ ଆଉ ଅଳ୍ପ ସମୟ ପରେ ଶ୍ରୀଲଙ୍କା ଏବଂ ମାଲେସିଆ ମଧ୍ୟରେ ହେବ ମୁକାବିଲା ।

# ସଂସଦ ଅଧିବେଶନ

ସଂସଦର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ୨୦୨୩-୨୪ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଆଜି ଲୋକସଭାରେ  ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥାପନ କରିଛନ୍ତି । ରିପୋର୍ଟ ଅନୁଯାୟୀ ଚଳିତ ଆର୍ଥିକବର୍ଷ ଭାରତର ଘରୋଇ ଅଭିବୃଦ୍ଧି  ହାର ୬ ଦଶମିକ ୫ରୁ ୭ ପ୍ରତିଶତ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି । ଗତ ଆର୍ଥିକ ବର୍ଷରେ ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥା ସତ୍ତ୍ୱେ ଭାରତର ଘରୋଇ ଉତ୍ପାଦ ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ହାର ଭଲ ରହିଥିଲା ବୋଲି ରିପୋର୍ଟରେ କୁହାଯାଇଛି । ସ୍ୱାଭାବିକ ବର୍ଷା ଯୋଗୁଁ ଦେଶରେ କୃଷି ଉତ୍ପାଦ ଅଧିକ ବୃଦ୍ଧି ପାଇବ ବୋଲି ରିପୋର୍ଟରେ ଆକଳନ କରାଯାଇଛି ।

ଆସନ୍ତା ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା  ଏହି ଅଧିବେଶନରେ ୧୬ ଟି କାର୍ଯ୍ୟଦିବସ ରହିଛି ।  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳି ସରକାରର ଏହା ପ୍ରଥମ ବଜେଟ୍ ଅଧିବେଶନ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତାକାଲି ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ ।  ଏଥିସହିତ ଜାମ୍ମୁ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ମଧ୍ୟ ସଂସଦରେ ବଜେଟ୍ ଉପସ୍ଥାପନ କରାଯିବ ।

ଅଧିବେଶନରେ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ସଂଶୋଧନ ବିଲ୍ ସମେତ ୬ଟି ନୂଆ ବିଧେୟକ ଆଗତ ହେବ । ଏଥିରେ ଅର୍ଥ ବିଧେୟକ ସମେତ ୧୯୩୪ ମସିହାର ବିମାନ ଅଧିନିୟମ ବଦଳରେ ଭାରତୀୟ

ବାୟୁଯାନ ବିଧେୟକ-୨୦୨୪ ବିଧେୟକ ଗୃହର ମଞ୍ଜୁରି ଲାଗି ଆଗତ କରାଯିବ । ଲୋକସଭା ସଚିବାଳୟ ଦ୍ୱାରା ଜାରି କରାଯାଇଥିବା ବୁଲେଟିନ୍‌ରେ ଆଗତ ହେବାକୁ ଥିବା ବିଧେୟକଗୁଡ଼ିକର ତାଲିକା ପ୍ରକାଶ ପାଇଛି ।

# ପିଏମ୍-ପାର୍ଲାମେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସଂସଦରେ ଆସନ୍ତାକାଲି କେନ୍ଦ୍ର ବଜେଟ୍ ଉପସ୍ଥାପନ କରାଯିବ । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଏବଂ ଆସନ୍ତା ୫ ବର୍ଷ ପାଇଁ ଦେଶର ଅର୍ଥନୀତିକୁ ଦୃଢ଼ କରିବା ଲକ୍ଷ୍ୟରେ ଏଥିରେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ସଂସଦ ଅଧିବେଶନର ଅବ୍ୟବହିତ ପୂର୍ବରୁ ଆଜି ଗଣମାଧ୍ୟମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ବଜେଟ୍ ଅଧିବେଶନରେ ଶାସକ ଏବଂ ବିରୋଧୀ ଦଳ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ଆସନ୍ତା ୫ ବର୍ଷ ପାଇଁ ଦେଶର ବିକାଶ ଲକ୍ଷ୍ୟରେ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯିବ । ତେବେ ବିରୋଧୀ ଦଳ ନକାରାତ୍ମକ ରାଜନୀତି କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି । ଗତ ଅଧିବେଶନ ଗୁଡ଼ିକରେ ସଂସଦରେ ବିରୋଧୀ ଦଳ ଗୁଡ଼ିକ ପକ୍ଷରୁ ବହୁ ସମୟ ନଷ୍ଟ କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି ।

ଦେଶବାସୀଙ୍କ କଲ୍ୟାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ରାଜନୈତିକ ଚିନ୍ତାଧାରାରୁ ଊର୍ଦ୍ଧ୍ୱକୁ ଆସି ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ବିରୋଧୀ ଦଳ ଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । କୃଷକ, ଯୁବ ବର୍ଗ ଏବଂ ସାଧାରଣ ଜନତାଙ୍କ

ଉନ୍ନତି ପାଇଁ ମିଳିମିଶି କାମ କରିବାକୁ  ପ୍ରଧାନମନ୍ତ୍ରୀ ବିରୋଧୀ ସଦସ୍ୟଙ୍କୁ ପରାମର୍ଶ ଦେଇଛନ୍ତି ।

# ନିଟ୍-ପାର୍ଲାମେଣ୍ଟ

ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ନେଇ ବିହାରର ପାଟନାରୁ ଗୋଟିଏ ଘଟଣା ସାମ୍ନାକୁ ଆସିଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଲୋକସଭାରେ ସେ କହିଛନ୍ତି ସିବିଆଇ ଏହି ମାମଲାର ତଦନ୍ତ କରୁଛି ଏବଂ ପରୀକ୍ଷା ସଂକ୍ରାନ୍ତ ଆବେଦନ ଗୁଡ଼ିକ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି । ପରୀକ୍ଷା ଆୟୋଜିତ ହୋଇଥିବା ୪ ହଜାର ୭୦୦ କେନ୍ଦ୍ର ମଧ୍ୟରୁ କେବଳ ଗୋଟିଏ ସ୍ଥାନରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏ ନେଇ ବିରୋଧୀ ଦଳ ଗୁଡ଼ିକ ଆଣିଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି । ପୂର୍ବରୁ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ଉଠାଇ ଦେଶର ପରୀକ୍ଷା ବ୍ୟବସ୍ଥାରେ ସମସ୍ୟା ଥିବା ନେଇ ଅଭିଯୋଗ କରିଥିଲେ ।

ସେହିଭଳି ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଏବଂ ଆର୍‌ଏସପିର ଏନ୍.କେ. ପ୍ରେମଚନ୍ଦ୍ରନ୍ ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗ ଗୃହରେ ଉତ୍ଥାପନ କରିଥିଲେ ।

ଅନ୍ୟପକ୍ଷରେ କାଉଡ଼ିଆ ଯାତ୍ରାପଥରେ ପଡୁଥିବା ଦୋକାନ ଗୁଡ଼ିକ ସେମାନଙ୍କର ମାଲିକ ଏବଂ କର୍ମଚାରୀଙ୍କର ନାମ ପ୍ରଦର୍ଶନ କରିବାକୁ ଉତ୍ତରପ୍ରଦେଶ ସରକାରଙ୍କ ନିର୍ଦ୍ଦେଶାବଳୀ ବିରୁଦ୍ଧରେ ରାଜ୍ୟସଭାରେ ବିରୋଧୀ କଂଗ୍ରେସ, ବାମପନ୍ଥୀ ଏବଂ ତୃଣମୂଳ କଂଗ୍ରେସ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ନୋଟିସ୍‌କୁ ଉପରାଷ୍ଟ୍ରପତି ତଥା ଗୃହର ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଅଗ୍ରାହ୍ୟ କରିଦେଇଛନ୍ତି ।

# ପଦ୍ମ ପୁରସ୍କାର

୨୦୨୫ ପଦ୍ମ ପୁରସ୍କାର ପାଇଁ ଆବେଦନପତ୍ର ଆହ୍ୱାନ କରାଯାଇଛି । ଆସନ୍ତା ସେପ୍ଟେମ୍ବର ୧୫ ତାରିଖକୁ ଆବେଦନ ପତ୍ର ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି । ଆବେଦନପତ୍ର ଏବଂ ଏ ସଂକ୍ରାନ୍ତ ସୁପାରିଶକୁ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ୍‌ରେ ଅପ୍‌ଲୋଡ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ୧୯୫୪ ମସିହାରେ ସ୍ଥାପିତ ଏହି ପୁରସ୍କାର ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଇଥାଏ । କଳା, ସାହିତ୍ୟ, ଶିକ୍ଷା, କ୍ରୀଡ଼ା, ସାମାଜିକ କାର୍ଯ୍ୟ, ବିଜ୍ଞାନ, ଇଞ୍ଜିନିୟରିଂ, ବାଣିଜ୍ୟ, ଶିଳ୍ପ କ୍ଷେତ୍ର ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷଙ୍କୁ ପଦ୍ମ ବିଭୂଷଣ, ପଦ୍ମଭୂଷଣ, ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥାଏ ।

# ଏସ୍‌ସି-ଆଶିଷ ମିଶ୍ରା

ଲକ୍ଷ୍ମୀପୁର ଖେରୀ ଗଣ୍ଡଗୋଳ ଘଟଣାରେ ଗିରଫ ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ସୁପ୍ରିମକୋର୍ଟ ଆଜି ଜାମିନ ପ୍ରଦାନ କରିଛନ୍ତି । ତେବେ ଦିଲ୍ଲୀ ଏବଂ ଲକ୍ଷ୍ନୌ ବ୍ୟତୀତ ଅନ୍ୟ କୌଣସି ଅଞ୍ଚଳକୁ ସେ ଯାଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି । ଏହି ମାମଲାର ବିଚାରକୁ ଯଥାଶୀଘ୍ର ଶେଷ କରିବାକୁ ସୁପ୍ରିମକୋର୍ଟ ନିମ୍ନ ଅଦାଲତକୁ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେବା ସହ ମାମଲାରେ ଜଡ଼ିତ କୃଷକଙ୍କୁ ମଧ୍ୟ ଜାମିନ ପ୍ରଦାନ

କରିଛନ୍ତି । ସୂଚନାଯୋଗ୍ୟ ଗତବର୍ଷ ଜାନୁୟାରୀ ୨୫ ତାରିଖରେ କୋର୍ଟ ଶ୍ରୀ ମିଶ୍ରାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଆୟକର ରିଟର୍ଣ୍ଣ ପ୍ରକ୍ରିୟାର ସରଳୀକରଣ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଆୟକର କମିଶନର ସୌମ୍ୟ ଆଚାର ଏବଂ ଚାଟାର୍ଡ ଆକାଉଣ୍ଟାଣ୍ଟ୍ ସଞ୍ଜୀବା ନାରାୟନ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଓଡ଼ିଶା ଆସେମ୍ବ୍ଲି

ଓଡ଼ିଶା ସପ୍ତଦଶ ବିଧାନସଭାର ବଜେଟ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ଅଧିବେଶନରେ ଅଭିଭାଷଣ ପ୍ରଦାନ କରି ରାଜ୍ୟପାଳ ରଘୁବର ଦାସ କହିଛନ୍ତି ଆଗାମୀ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ରଖାଯାଇଛି । ବିକଶିତ ଓଡ଼ିଶା ସଫଳ ହେଲେ କୃଷିକ୍ଷେତ୍ର ଏବଂ

ଯୁବବର୍ଗଙ୍କର ଉନ୍ନତି ହେବା ସହ ମହିଳା ସଶକ୍ତିକରଣ ମଧ୍ୟ ଅଧିକ ଦୃଢ଼ ହୋଇପାରିବ। ଓଡ଼ିଶାକୁ ପୂର୍ବଭାରତର ଶକ୍ତିଶାଳୀ ରାଜ୍ୟରେ ପରିଣତ କରିବାକୁ ରାଜ୍ୟ ସରକାରଙ୍କ ପରିକଳ୍ପନା ରହିଛି ବୋଲି ସେ କହିଛନ୍ତି। ୨୦୨୯ ସୁଦ୍ଧା ରାଜ୍ୟରେ ସାଢ଼େ ୩ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ଆଗାମୀ ୫ ବର୍ଷ ପାଇଁ କୃଷିକ୍ଷେତ୍ରରେ ସମ୍ଭାବନାକୁ ଅଧିକ ଉପଯୋଗ କରିବା ଲକ୍ଷ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ।

ରାଜ୍ୟ ସରକାର ସମୃଦ୍ଧ କୃଷକ ନୀତି ଆଧାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩ ହଜାର ୧୦୦ ଟଙ୍କା ଧାର୍ଯ୍ୟ କରିଛନ୍ତି ବୋଲି ସେ କହିଛନ୍ତି । ୨୦୨୭ ସୁଦ୍ଧା ଓଡ଼ିଶାରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ରାଜ୍ୟପାଳ କହିଛନ୍ତି ।

ରାଜ୍ୟପାଳଙ୍କ ଅଭିଭାଷଣ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡ଼ି ଏବଂ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ । ବିଭିନ୍ନ ଦାବି ନେଇ ହୋହଲ୍ଲା କରିବା ସହ କକ୍ଷ ତ୍ୟାଗ କରିଥିଲେ ।

ଚଳିତ ଅଧିବେଶନରେ ମୋଟ୍ ୨୭ଟି କାର୍ଯ୍ୟଦିବସ ରହିଛି । ଆସନ୍ତା ୨୪ ତାରିଖ ବୁଧବାର ଦିନ ଉପବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ ଏବଂ ୨୫ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରାଯିବ ।

# କ୍ରିକେଟ୍

ଏସିଆ କପ୍ ଟି-୨୦ ମହିଳା କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଶ୍ରୀଲଙ୍କାରେ ୨ଟି ମ୍ୟାଚ୍ ଖେଳାଯିବ । ଆଉ ଅଳ୍ପ ସମୟ ପରେ ଶ୍ରୀଲଙ୍କା ଏବଂ ମାଲେସିଆ ମଧ୍ୟରେ ମୁକାବିଲା ହେବ । ଟସ୍ ଜିତି ଶ୍ରୀଲଙ୍କା ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି । ଦ୍ୱିତୀୟ ମ୍ୟାଚ୍‌ଟି ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ବାଂଲାଦେଶ ଏବଂ ଥାଇଲ୍ୟାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ ।

ଗତକାଲିର ମ୍ୟାଚ୍‌ରେ ପାକିସ୍ତାନ’ ନେପାଳକୁ ୯ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ପାକିସ୍ତାନ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେବାର ଆଶା ଉଜ୍ଜୀବିତ ରଖିଛି । ଅନ୍ୟପକ୍ଷରେ ସଂଯୁକ୍ତ ଆରବ ଏମିରେଟ୍‌ସକୁ ୭୮ ରନ୍‌ରେ ପରାସ୍ତ କରି ଭାରତ ସେମିଫାଇନାଲ୍ ପର୍ଯ୍ୟାୟରେ ନିଜର ସ୍ଥାନ ପକ୍କା କରିଛି ।